### ୩୦୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ମାଲକାନଗିରି,(ଡି.ଏନ୍.ଏ.) ମାଲକାନଗିରି ଜିଲା ମାଥିଲି ଥାନା ପୋଲିସ ୩୦୨ କେଜି ୪ଶହ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛଇ। ସେମାନେ ହେଲେ ମୁଦୁଲିପଡ଼ା ଥାନା ଅଧୀନ ଚାପଲପଡ଼ା ଗ୍ରାମର ମୁକୁନ୍ଦ ନାୟକ ଓ କମଲୁ ନାୟକ ଏବଂ ଓର୍କେଲ ଥାନା ଅଧୀନ ତୁମୁକୋଣ୍ଡା ଗ୍ରାମର ସୋମନାଥ ଖିଲା।ସୂଚନା ଅନୁଯାୟୀ ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ବାହାଦୁରଗୁଡା ଛକ ନିକଟ ଜଙ୍ଗଲରେ ୩ ବ୍ୟକ୍ତି ୧୨ଟି ବସ୍ତା ଧରି ଠିଆ ହୋଇଥିଲେ। ପୋଲିସ ଦେଖି ସେମାନଙ୍କୁ କାବୁ କରିବା ସହ ଗଞ୍ଜେଇ ଜବତ କରିଥିଲା। ସେମାନଙ୍କ ନିକଟରୁ ଏକ ବାଇକ୍, ୭୫୦ ଟଙ୍କା ମଧ ଜବତ କରାଯାଇଛି। ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଥିଲି ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗୁଣପୁର-ପୁରୀ ଟ୍ରେନ୍ ଦୁଇ ଦିନ ବନ୍ଦ, ଯାତ୍ରୀ ଅସନ୍ତୋଷ

ଗୁଣପୁର,୨୪।୫(ଡି.ଏନ.ଏ.)- ଗୁଣପୁର-ପୁରୀ ଏକ୍ସପ୍ରେସ ଟ୍ରେନ୍ ମେ ୨୮ ଏବଂ ୨୯ ଦୁଇ ଦିନ ଉଭୟ ପଟୁ ଚଳାଚଳ ବନ୍ଦ ରହିବ। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରାକ୍ ମରାମତି କାର୍ଯ୍ୟ ପାଇଁ ଶନିବାର ଏବଂ ରବିବାର ଦୁଇ ଦିନ ଟ୍ରେନ୍ ଚଳାଚଳ ବନ୍ଦ ରହିବ। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀକୁ ଏହା ଏକ ସିଧାସଳଖ ଯାତ୍ରା ପାଇଁ ଟ୍ରେନ୍ ।ସୋମବାର ସାବିତ୍ରୀ ବ୍ରତ ମଧ ରହିଛି । ଏଭଳି ସମୟରେ ଟ୍ରେନ୍ ବନ୍ଦ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ରେଲ୍‌ୱେ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ସାପ କାମୁଡ଼ାରେ ଶିଶୁ ଗୁରୁତର

ଏମ୍‌ଭି ୭୯,୨୪।୫(ଡି.ଏନ.ଏ)- ମାଲକାନଗିରି ଜିଲା ଏମ୍‌ଭି ୭୯ ଅଞ୍ଚଳର ଟିଗଲ ପଞ୍ଚାୟତ ଅଧୀନ ଏମ୍‌ପିଭି ୪୫ ଗ୍ରାମରେ ସାପ କାମୁଡ଼ାରେ ୪ ବର୍ଷର ଶିଶୁ ଗୁରୁତର ହୋଇଛି। ସେ ହେଲା ଗ୍ରାମର ମୁରାରୀ ରାୟଙ୍କ ଚପୁଅ ତନ୍ମୟ। ସେ ଜେଜେ ମା' ସାଙ୍ଗରେ ଅଙ୍ଗନୱାଡି କେନ୍ଦ୍ରକୁ ଯିବାବେଳେ ବିଷଧର ସାପର ଲାଞ୍ଜରେ ଗୋଡ଼ ପଡ଼ିଯାଇଥିଲା। ଫଳରେ ସାପଟି କାମୁଡ଼ି ଦେଇଥିଲା। ଜେଜେ ମା' ତୁରନ୍ତ ନାତିକୁ ଘରକୁ ନେଇଥିଲେ। ତନ୍ମୟର ମା' ଏଂବ ବାପା ତୁରନ୍ତ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସା ପରେ ଏବେ ଶିଶୁଟି ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସୋଫିଆନ ଖାନ୍ ସୂଚନା ଦେଇଛନ୍ତି।

### ପୁଣି କାର୍ଯ୍ୟକ୍ଷମ ହେଲା ମାଛକୁଣ୍ଡ ଜଳବିଦ୍ୟୁତ୍ କେନ୍ଦ୍ରର ୩ ଟର୍ବାଇନ

କୋରାପୁଟ/ଅନକାଡେଲି,୨୪।୫(ସ୍ୱ.ପ୍ର./ଡି.ଏନ୍.ଏ.)- କୋରାପୁଟ ଜିଲା ତଥା ମାଲକାନାଗିରି ଓ ଆନ୍ଧ୍ର ସୀମାନ୍ତରେ ଥିବା ଅନକାଡେଲି ପଞ୍ଚାୟତରେ ଥିବା ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପର ୩,୪ ଓ ୫ ନମ୍ବର ଟରବାଇନ ମଙ୍ଗଳବାର କାର୍ଯ୍ୟକ୍ଷମ ହୋଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଧା ପ୍ରକଳ୍ପର ୪ଟି ଟର୍ବାଇନ କାର୍ଯ୍ୟକ୍ଷମ ହୋଇଛି। ଏଥିରୁ ବର୍ତ୍ତମାନ ଦୈନିକ ୧୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ବ୍ରଜ ସୁନ୍ଦର ପାଢ଼ି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପ୍ରକଳ୍ପ ନିରୀକ୍ଷଣ ନେଇ ଗତ ୧୮ ତାରିଖରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ଥିଲା। ରବିବାର ରାତି ୧୦ଟାରୁ ପ୍ରକଳ୍ପର ଗୋଟିଏ ଟର୍ବାଇନ କାର୍ଯ୍ୟକ୍ଷମ ହୋଇଥିଲା। ସୋମବାର ରାତିରେ ୨ଟି ଟରବାଇନ କାର୍ଯ୍ୟକ୍ଷମ କରାଯାଇଥିବା ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

### ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି,୨୪।୫(ଡି.ଏନ୍.ଏ)- ମାଲକାନଗିରି ପୋଲିସ ସୋମବାର ରାତିରେ ୨୩ କେଜି ଗଞ୍ଜେଇ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଦୁହେଁ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅଧୀନ ପାଟିଘର ଗ୍ରାମର ରାଜେନ୍ଦ୍ର ବିଶୋଇ ଓ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ବଡଖଇରା ଗ୍ରାମର ବିଶ୍ୱନାଥ ସାଥୁଆ। ସୂଚନା ଅନୁଯାୟୀ, ରାତିରେ ମାଲକାନଗିରି ପୋଲିସ ସତିଗଡ଼ା ଡ୍ୟାମ ନିକଟ ଛକରେ ପାଟ୍ରୋଲିଂ କରୁଥିବା ସମୟରେ ୨ ଯୁବକ ଉକ୍ତ ରାସ୍ତା ଦେଇ ଯାଉଥିଲେ। ପୋଲିସ ସନ୍ଦେହରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଦୁହିଁଙ୍କ ନିକଟରେ ଥିବା ଏକ ବ୍ୟାଗ୍‌ରୁ ୨୩ କେଜି ଗଜେଇ ବାହାରିଥିଲା। ଏ ନେଇ ମାଲକାନଗିରି ପୋଲିସ ୨୧୨/୨୨ ରେ ଏକ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# କେନାଲ ବିଭାଜନ କାର୍ଯ୍ୟାଳୟ ଘେରିଲେ ୫ ପଞ୍ଚାୟତବାସୀ

**■ଚାଷକୁ ନାହିଁ ଜଳସେଚନ ସୁବିଧା**
**■ନଷ୍ଟ ହେଲାଣି ଫସଲ**

ଏମ୍‌ଭି ୭୯,୨୪।୫(ଡି.ଏନ୍.ଏ.)

ଜଳସେଚନର ସମସ୍ୟା ନେଇ କାଲିମେଳା ବ୍ଲକର ୫ ପଞ୍ଚାୟତବାସୀ ମଙ୍ଗଳବାର ପୋଟେରୁ କେନାଲ ବିଭାଜନ ଏମ୍‌ଭି ୭୯ କାର୍ଯ୍ୟାଳୟ ଘେରିଛନ୍ତି। କେନାଲରୁ ପାଣି ଆସୁ ନ ଥିରୁ ଫସଲ ଉଜୁଡ଼ିବାକୁ ବସିଛି। ଚାଷଜମି ଫାଟି ଆଁ କରିଛି। ଏହାର ପ୍ରତିବାଦ କରି ତଣ୍ଡାବାଇ ପଞ୍ଚାୟତରୁ ମୋଟୁ ପର୍ଯ୍ୟନ୍ତ ୫ ପଞ୍ଚାୟତର ଗ୍ରାମବାସୀ ଏକାଠି ହୋଇଛନ୍ତି।

ସୂଚନାଯୋଗ୍ୟ, ଫସଲ ଅମଳ ହେବାକୁ ବସିଥିବାବେଳେ କେନାଲ ଯୋଗେ ଆବଶ୍ୟକ ପରିମାଣରେ ପାଣି ମିଳିପାରୁନାହିଁ। ସମସ୍ୟା ନେଇ ଚାଷୀମାନେ ଅନେକ ଥର ଜଣାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି। ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।



ଚାଷୀମାନେ ଏମ୍‌ଭି ୭୯ ସ୍ଥିତ ପୋଟେରୁ ସ୍ଥିତ କେନାଲ ବିଭାଜନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

ସରକାର ଚାଷୀଙ୍କୁ ପାଣି ଯୋଗାଇବା ନିମନ୍ତେ କେନାଲ ବ୍ୟବସ୍ଥା କରିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଚାଷୀ ସମସ୍ୟାରେ ପଡୁଥିବା ଅଭିଯୋଗ କରିଛନ୍ତି। କେନାଲରୁ ପାଣି ଆସିବା ବନ୍ଦ ନେଇ ଅଭିଯୋଗ କରାଯିବା ପରେ କେନାଲରେ ପଙ୍କ ଭର୍ତ୍ତି ହୋଇଥିବା କହି କଥାକୁ ଏଡ଼ାଇ ଦିଆଯାଇଛି। ଫସଲ ନଷ୍ଟ ହୋଇଥିବାବେଳେ ଋଣ କରି ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି।

ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଫସଲ ବଞ୍ଚାଇବା ପାଇଁ ଏହି କେନାଲର ପାଣି ଏକମାତ୍ର ମାଧ୍ୟମ ଥିବାରୁ ଶୀଘ୍ର ଏହାକୁ ଗୁରୁତ୍ୱ ଦିଆଯାଇ ଜଳସେଚନର ସୁବିଧା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରୋହନ ସିଂ ଙ୍କୁ ପଚାରିବାରୁ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ଜଳିଗଲା ୩ ଏକର ଜମିର ବାଦାମ



ଜଳିଯାଇଥିବା ବାଦାମ ଫସଲ।

ଏମ୍‌ଭି ୭୯,୨୪।୫(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ତାଣ୍ଡାବାଇ ପଞ୍ଚାୟତର ଲାଚିପେଟା ଗ୍ରାମରେ ଜଣେ ଚାଷୀଙ୍କ ବାଦାମ ଜଳିଯାଇଛି। ଲାଚିପେଟା ଗ୍ରାମ ୯ ନଂ ୱାର୍ଡରେ ରହୁଥିବା ଚାଷୀ ସୁବାସ ଶବର କରଜ କରି ତିନି ଏକର ଜମି ରେ ବାଦାମ ଚାଷ କରିଥିଲେ। କ୍ଷେତରୁ ବାଦାମ ଗଛ ଉପାଡ଼ି ଗୋଟିଏ ଜାଗାରେ ଗଦାଇଥିଲେ। ସୋମବାର ରାତିରେ କୌଣସି କାରଣରୁ ନିଆଁଲାଗି ସମ୍ପୂର୍ଣ୍ଣ ବାଦାମ ନଷ୍ଟ ହୋଇଛି।

ଅଗ୍ନିଶମ କର୍ମଚାରୀ ମଙ୍ଗଳବାର ସକାଳେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ କାଲିମେଳା ଜୋନ୍-୧ ଜିଲା ପରିଷଦ ସଭ୍ୟା ଅର୍ପଣା ମଣ୍ଡଳ କାଲିମେଳା ତହସିଲଦାର ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ଅବଗତ କରାଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

# ନବ ନିର୍ବାଚିତ ପ୍ରତିନିଧି ବିକାଶ ଦିଗରେ କାର୍ଯ୍ୟ କରନ୍ତୁ: ବିଧାୟକ

**ରାୟଗଡା ପଞ୍ଚାୟତ ସମିତି ବୈଠକ**

ରାୟଗଡା ଅଫିସ,୨୪।୫

ରାୟଗଡା ବ୍ଲକ ସଦ୍‌ଭାବନା ସଭାଗୃହରେ ୩ୟ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ବିଶୁଦ୍ଧ ପାନୀୟ ଜଳ, ବିଜୁଳି ଓ ରାସ୍ତା ଆଦି ବିଷୟରେ ଆଲୋକପାତ କରିଥିଲେ।

ନବ ନିର୍ବାଚିତ ପ୍ରତିନିଧିଙ୍କୁ ଅଞ୍ଚଳର ବିକାଶରେ ଅଧିକ ବ୍ରତୀ ହେବା ନିମନ୍ତେ ଆହ୍ୱାନ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଟୁନି ହୁଇକା ବୈଠକରେ ସଭାପତିତ୍ୱ କରିଥିଲେ। ଉପାଧାକ୍ଷ ହର ପ୍ରସାଦ ହେପୃକା, ଜିଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗୀ, ସନ୍ଧ୍ୟା ପୁଲକା, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ଏସ୍. ରାଓ, ଏବିଡିଓ କାଳୁଚରଣ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରି ଟୁଡୁ, ୨୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଡିଓ ଲକ୍ଷ୍ମୀ ନାରାୟଣ ସାବତ ନବ ନିର୍ବାଚିତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ସମସ୍ତ ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ସହଯୋଗ କାମନା କରିଥିଲେ। ପାନୀୟ ଜଳ ଓ ପରିମଳର ବିକାଶ ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ ଖସଡ଼ର ପ୍ରସ୍ତୁତହୋଇଥିଲା। ନୂତନ ଭାବେ ୭ ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଯୋଜନା, ପଶୁପାଳନ, ସାମାଜିକ ସୁରକ୍ଷା, ସାଧାରଣ ବଣ୍ଟନ, ଶିଳ୍ପ, ମହିଳା ଓ ଶିଶୁ ବିକାଶ, ପ୍ରାଣୀଧନ ଉନ୍ନୟନ, ଉଦ୍ୟାନ, ଜଳଛାୟା, ବିଜୁଳି ଓ ଜୀବିକା ମିଶନ ଆଦି ବିଷୟରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୋପାଳ ପଣ୍ଡା ଧନ୍ୟବାଦ ଦେଇଥିଲେ।




ବୈଠକରେ ରାୟଗଡ଼ା ବିଧାୟକ, ପଞ୍ଚାୟତ ସମିତି ଅଧକ୍ଷା ଓ ଅନ୍ୟ ଅଧିକାରୀମାନେ।

### ପଥପ୍ରାନ୍ତ ନାଟକରେ ସ୍ୱାସ୍ଥ୍ୟ ସଚେତନତା



କୁନ୍ଦୁରା, ୨୪।୫(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରରେ ଅଧିକାଂଶ ଲୋକ ଆଦିବାସୀ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ୱାସ୍ଥ୍ୟଗତ ସଚେତନତା କରାଯାଇଛି। କୁନ୍ଦୁରା ବ୍ଲକସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସମେତ ଆଶା, ଅଙ୍ଗନୱାଡ଼ି,ପ୍ରାଥମିକ ଶିକ୍ଷକ ଶିବିରରେ ସହଯୋଗ କରିଥିଲେ। ଏହି ଶିବିରରେ ୨୨୯ ଜଣ ଦିବ୍ୟାଙ୍ଗ ପଞ୍ଜିକୃତ ହୋଇଥିଲେ। ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଙ୍କ ସମେତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ଚିକିତ୍ସାଳୟରେ କାର୍ଯ୍ୟରତ ଅଭିଜ୍ଞ ଡାକ୍ତରମାନେ ଯୋଗ ଦେଇଥିଲେ। ଏହି ଅବସରରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, କୁନ୍ଦୁରା ବିଡିଓ ସ୍ନେହପ୍ରଭା ମାଝି, ପଞ୍ଚାୟତ ସମିତି ଅଧକ୍ଷା ରାଜେଶ୍ୱରୀ ପରଜା, ଉପାଧକ୍ଷ ତରଣି ସେନ ବିଶୋୟୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୋରା, ଡ଼ାକ୍ତର ଦୁର୍ଗା ପ୍ରସାଦ ପାତ୍ର, ଡାକ୍ତର ବିଭୁତି ଭୂଷଣ ଜେନା, ଡାକ୍ତର ହରିଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସାମାଜିକ ସୁରକ୍ଷା ବିଭାଗରେ କାର୍ଯ୍ୟରତ ବରିଷ୍ଠ ସହାୟକ ପୁନମ ସାହୁ ଏବଂ କାର୍ଯ୍ୟକ୍ରମ ସହାୟକ ବସନ୍ତ ଭୋଳ କର୍ଯ୍ୟକ୍ରମ ପରିଚଳନା କରିଥିଲେ।

# କୁଡ଼ିଆରୁ ଯୁବତୀ ଯୁବକଙ୍କ ମୃତଦେହ ଜବତ

ନାରାୟଣପାଟଣା,୨୪।୫(ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ବାଲିପେଟା ପଞ୍ଚାୟତ ଡୁମସିଲ୍ ଗାଁ ନିକଟ ଏକ କୁଡିଆରୁ ମଙ୍ଗଳବାର ଜଣେ ଯୁବତୀ ଓ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ଡୁମସିଲ୍ ଗାଁର ଯୌଡେକା ବାମଣ(୩୫) ଏବଂ ଯୁବତୀଙ୍କ ଘର ପାଖ ଗାଁରେ ବୋଲି ଜଣାପଡିଛି। ଖବରପାଇ ନାରାୟଣପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁଯାୟୀ ଯୌଡେକା ବାମଣ ପୂର୍ବରୁ ବିବାହିତ ଏବଂ ତାଙ୍କର ୨ ଝିଅ ଅଛନ୍ତି। ସେ ଆନ୍ଧ୍ରର ଏକ କମ୍ପାନୀରେ କାମ କରୁଥିଲେ। ସେହି ସମୟରେ ଉକ୍ତ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୋମବାର ଯୁବକଙ୍କ ପରିବାର ଲୋକେ ପାଖ ଗାଁକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଏହି ସମୟରେ ପ୍ରେମୀ ଯୁଗଳ ଉକ୍ତ କୁଡ଼ିଆ ଘରେ ଦେଖାହେବାକୁ ପହଞ୍ଚିଥିଲେ। କିନ୍ତୁ କେଉଁ ପରିସ୍ଥିତିରେ ସେମାନଙ୍କ ମୃତ୍ୟୁ ହେଲା ତାହାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଯୁବତୀଙ୍କ ପାଟିରୁ ଫେଣ ବାହାରିଥିବାରୁ ବିଷକ୍ରିୟାରେ ସେମାନଙ୍କ ମୃତ୍ୟୁ ହୋଇଛି ବୋଲି ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ୯/୨୨ ଏବଂ ୧୦/୨୨ ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସ୍‌ଆଇ ଶୁକ୍ରା ମାଡ଼ି ଘଟଣାର ତଦନ୍ତ କରୁଛନ୍ତି।

# ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା**

ଟିକିରି,୨୪।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଟିକିରିସ୍ଥିତ ଉତ୍କଳ ଆଲୁମିନା କମ୍ପାନୀରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ସୋମବାର ଅପରାହ୍ନରେ କର୍ତ୍ତବ୍ୟରତ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ କୁଚେଇପଦର ଗ୍ରାମର ଜିରା ମାଝି(୪୫)।

ଦୀର୍ଘ ୧୬ ବର୍ଷ ଧରି ଜିରା ଏହି କମ୍ପାନୀରେ କାମ କରୁଥିଲେ। ସବୁଦିନ ଭଳି ସୋମବାର ସେ ନିଜ କର୍ତ୍ତବ୍ୟରେ ଥିଲେ। ଅପରାହ୍ନ ୨ଟାବେଳେ ହଠାତ ସେ ଅଚେତ ହୋଇଯାଇଥିଲେ। ଏହାପରେ ତୁରନ୍ତ କମ୍ପାନୀ ପକ୍ଷରୁ ତାଙ୍କୁ ଉତ୍କଳ ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଜିରାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଡାକ୍ତରଖାନାରୁ ମୃତଦେହ ଆଣି ମଙ୍ଗଳବାର ସକାଳୁ ଉତ୍କଳ ଆଲୁମିନା ମୁଖ୍ୟ ଫାଟକ ସମ୍ମୁଖରେ ରଖି ଧାରଣାରେ ବସିଛନ୍ତି। ଜିରା ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ପାଇଁ ସେମାନେ ଦାବି କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ପରିବାର ଲୋକେ ଏବଂ ଗ୍ରାମବାସୀ ଧାରଣାରେ ବସି ରହିଛନ୍ତି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ମ୍ୟାଲେରିଆ ନିରାକରଣ

ରାଇଘର ୨୪।୫ (ଡି ଏନ୍.ଏ.)

ରାଇଘର ବ୍ଲକ ହଳଦୀ ପଞ୍ଚାୟତ ବେନାସ ଗ୍ରାମରେ ମଙ୍ଗଳବାରରୁ ମେଲେରିଆ ନିରାକରଣ ଅଭିଯାନ ଆରମ୍ଭ ହୋଇଛି। ତାହା ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ୨୭ଟି ସ୍ଥାନ ଚୟନ କାରାଯାଇ ଥିବା ସୁଚନା ମିଳିଛି। ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦଶରଥ ନାଗ ଉପସ୍ଥିତିରେ ଗର୍ଭବତୀ ଓ ବୟସ୍କ ଙ୍କ ଚିକିତ୍ସା କରଯାଇ ଥିଲା। ଏଥିରେ ପିଏଚଇଓ ହନୁମନ୍ତ ମାଝି, ଏଲ୍‌ଏଲ୍‌ଆଇଏନ୍ ହରଧନ ସରକାର, ଏମ୍ ଆର୍ କେ ରାଜୁ ଓ ସୁନୀଲ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ୱାର୍ଟର୍ସରେ ଫରେଷ୍ଟ ଗାର୍ଡଙ୍କ ସନ୍ଦେହଜନକ ମୃତ୍ୟୁ

ଟିକିରି,୨୪।୫(ଡି.ଏନ୍.ଏ.)-

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ରେଞ୍ଜ ଅଧୀନ ଶଙ୍କରଡ଼ା ବିଟ୍‌ରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ରାମଚନ୍ଦ୍ର ଦାସଙ୍କ ମୃତଦେହ ମଙ୍ଗଳବାର ସକାଳେ କ୍ୱାର୍ଟର୍ସ ବାଥ୍‌ରୁମରୁ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ସବୁଦିନ ଭଳି ରାମଚନ୍ଦ୍ର ସୋମବାର ରାତିରେ କ୍ୱାର୍ଟର୍ସରେ ଶୋଇଥିଲେ। ସକାଳେ ବିଭାଗୀୟ କର୍ମଚାରୀମାନେ ତାଙ୍କୁ ଡାକିବାକୁ ଯାଇଥିବାବେଳେ ସେ କବାଟ ଖୋଲି ନ ଥିଲେ। ସନ୍ଦେହ ହେବାରୁ କର୍ମଚାରୀମାନେ କବାଟ ଭାଙ୍ଗି ପଶିଥିଲେ। ଏହି ସମୟରେ ରାମଚନ୍ଦ୍ର ବାଥ୍‌ରୁମ୍‌ରେ ମୁହଁମାଡ଼ି ପଡ଼ିଥିବା ଦେଖି ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ। ଏହାପରେ ପୋଲିସ ଏବଂ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ଫରେଷ୍ଟର ମୀନକେତନ କୁମାର ସୂଚନା ଦେଇଛନ୍ତି।

ଫରେଷ୍ଟର ଏବଂ ଟିକିରି ରେଞ୍ଜର ଦିବ୍ୟମାଧୁରୀ ସେଠୀଙ୍କ ଉପସ୍ଥିତିରେ ଟିକିରି ପୋଲିସ ମୃତଦେହ ଜବତ କରି କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରାମଚନ୍ଦ୍ରଙ୍କ ନିଜ ଘର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଅଞ୍ଚଳରେ ହୋଇଥିବାବେଳେ ଖବର ପାଇ ପରିବାର ଲୋକେ ସନ୍ଧ୍ୟାରେ ପହଞ୍ଚିଛନ୍ତି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ରାମଚନ୍ଦ୍ରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଥିବା ରେଞ୍ଜର କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।



ରାମଚନ୍ଦ୍ର ଦାସ (ଫାଇଲ୍ ଫଟୋ)

# ୧୯ ଟି ୱାର୍ଡର ମହିଳାଙ୍କୁ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ

**ମହିଳାଙ୍କୁ ସଶକ୍ତ କରିବାକୁ ଉଦ୍ୟମ**

ମାଲକାନଗିରି,୨୪।୫(ଡି.ଏନ.ଏ.)

ଆଦିବାସୀ ବହୁଳ ମାଲକାନଗିରି ଜିଲାରେ ମହିଳା ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ମାଲକାନଗିରି ପୌର ପରିଷଦର ମହିଳା ମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ମଙ୍ଗଳବାର ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଛି। ମାଲକାନଗିରି ପୌରାଧକ୍ଷ ମନୋଜ କୁମାର ବାରିକ ଏହି ଦାୟିତ୍ୱ ଦେଇଛନ୍ତି। ପୌର ପରିଷଦର ୧୯ ଗୋଟି ୱାର୍ଡରେ ଥିବା ଅନେକ ମହିଳା ଗୋଷ୍ଠୀଙ୍କୁ ପୌର କାର୍ଯ୍ୟାଳୟକୁ ଡକାଇ ସେଠାରେ ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ମାଲକାନଗିରି ପୌର ପରିଷଦର ବିଭିନ୍ନ ସ୍ଥାନରେ ହେବାକୁ ଥିବା ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ଏହି ମହିଳା ଗୋଷ୍ଠୀମାନଙ୍କୁ ପ୍ରଦାନ କରିଛନ୍ତି। ଏହାଦ୍ୱାରା ମହିଳା ମାନେ ନିଜ ଅଞ୍ଚଳରେ ରହି କାର୍ଯ୍ୟ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପୌରାଧକ୍ଷ କହିଛନ୍ତି। ଏହି ସମୟରେ ମୁକ୍ତା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ସୁମନ ଗରଡା, ବିଜେଡି କର୍ମୀ କେ. ରାହୁଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଗୋଷ୍ଠୀ ମହିଳାମାନେ ପୌରାଧକ୍ଷଙ୍କ ଠାରୁ ପ୍ରକଳ୍ପ ଦାୟିତ୍ୱ ଗ୍ରହଣ କରୁଛନ୍ତି।

# ଡଙ୍ଗରିଆ ନବ ଦମ୍ପତିଙ୍କୁ ୨୦ ହଜାର ସହାୟତା

**ଡିକେଡିଏ, ଓପିଲିପ୍‌ର ବାଲ୍ୟ ବିବାହ ରୋକିବାକୁ ଅଭିନବ ପ୍ରୟାସ**

ବିଷମକଟକ,୨୪।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧଙ୍କ ମଧ୍ୟରେ ପୂର୍ବରୁ ବାଲ୍ୟ ବିବାହ ପ୍ରଥା ରହିଥିଲା। ସରକାରଙ୍କ ସମସ୍ତ ପ୍ରୟାସ ପରେ ମଧ ସମ୍ପୂର୍ଣ୍ଣ ସୁଫଳ ମିଳି ନ ଥିଲା। ବାଲ୍ୟ ବିବାହ ଏହି ଜନଜାତିଙ୍କ ମଧ୍ୟରେ 'କନିଆଁ ଝିକା' ରୂପେ ଜଣାଯାଉଥିଲା। ଡଙ୍ଗରିଆମାନେ ବାଲ୍ୟ ବିବାହ କରାଉଥିବାରୁ ଏଠାରେ ମାତୃ ମୃତ୍ୟୁହାର ଏବଂ ଶିଶୁ ମୃତ୍ୟୁହାର ରୋକିବା ସମ୍ଭବ ହେଉ ନ ଥିଲା। ଏହି ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚାଟିକୋଣା ସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଏବଂ ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ ସଂସ୍ଥା(ଓପିଲିପ୍) ପକ୍ଷରୁ ଏବେ ଅଭିନୟ ପ୍ରୟାସ ଆରମ୍ଭ ହୋଇଛି। ଏହି ଦୁଇ ସଂସ୍ଥା ପକ୍ଷରୁ ପ୍ରତି ଡଙ୍ଗରିଆ ଗ୍ରାମରେ ମୁଖିଆ ମାନଙ୍କ ମାଧ୍ୟମରେ ବାଲ୍ୟ ବିବାହ ପ୍ରଥାକୁ ରୋକିବା ପାଇଁ ସଚେତନତା ଶିବିର କରାଯାଉଛି।

ଡଙ୍ଗରିଆ ଯୁବତୀ, ଯୁବତୀଙ୍କୁ ବାଲ୍ୟ ବିବାହ ନ କରିବାକୁ ସଚେତନ କରାଯାଉଛି। ଏଭଳି ପ୍ରୟାସ ପରେ ବିଷମକଟକ ବ୍ଲକ କୁର୍ଲୀ ପଞ୍ଚାୟତରେ ଏହାର ସଫଳତା ମିଳିଛି। ଖଜୁରୀ ଗ୍ରାମର ସମିତ୍ରା ୱାଡାକା(୨୨) ଏବଂ ବିଜୁ ୱାଡାକା(୨୩)ଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଛି। ଏହାକୁ ଉତ୍ସାହିତ କରିବା ପାଇଁ ବିବାହ ଚାଲିଥିବାବେଳେ ଦୁଇ ସଂସ୍ଥା ପକ୍ଷରୁ ଦମ୍ପତିଙ୍କୁ ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ବିବାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ ଯୋଗ ଦେଇଥିବା ବେଳେ ତାଙ୍କ ସହ ବିଷମକଟକ ପଞ୍ଚାୟତ ସମିତି ଅଧକ୍ଷା ଯଶୋଦା ହୁଇକା, କୁର୍ଲୀ ସରପଞ୍ଚ ସୁବର୍ଦ୍ଧିନୀ ୱାଡାକା, ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ଚୈତନ୍ୟ ମାଝୀ ଓ ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ ସଂସ୍ଥାର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ଉପସ୍ଥିତ ଥିଲେ।



# ମେଡିକାଲ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

**୮ ଏକର ଜମିରେ ହେବ ନିର୍ମାଣ କାର୍ଯ୍ୟ**

କୋରୁକୋଣ୍ଡା,୨୪।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିରେ ଦୀର୍ଘ ବର୍ଷ ଧରି ଏକ ଭଲ ଡାକ୍ତରଖାନା ନଥିବାରୁ ସ୍ଥାନୀୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ବାଲିମେଳା ଏନ୍‌ଏସିରେ ଏକ ସହରାଞ୍ଚଳ ଡାକ୍ତରଖାନା ନିମନ୍ତେ ଅନୁମୋଦନ କରିଛନ୍ତି। ତେବେ ବହୁ ଦିନ ଧରି ଜାଗା ଚିହ୍ନଟରେ ସମସ୍ୟା ଦେଖା ଦେଇଥିଲା। ସମସ୍ତ ପ୍ରତୀକ୍ଷାର ମଙ୍ଗଳବାର ଅନ୍ତ ଘଟିଛି। ନୂତନ ମେଡିକାଲ ନିମନ୍ତେ ଜମି ଅଧିଗ୍ରହଣ ଆରମ୍ଭ ହୋଇଛି।

ମେଡିକାଲ ନିମନ୍ତେ ୧୨ ଏକର ଜମି ଆବଶ୍ୟକ ରହିଥିବାବେଳେ ମାତ୍ର ୮ ଏକର ଜମିରେ ଏହି ମେଡିକାଲ ନିର୍ମାଣ କରାଯିବ ବୋଲି ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ଏହି ଅଞ୍ଚଳରେ ବସବାସ କରୁଥିବା ୩ ପରିବାରକୁ ପ୍ରଶାସନ ବିସ୍ଥାପିତ କରିବାର ବ୍ୟବସ୍ଥା ରହିଥିବାବେଳେ ଅନ୍ୟ ଘର ଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଭଙ୍ଗାଯିବ ବୋଲି ଚିତ୍ରକୋଣ୍ଡା ତହସିଲଦାର ସୂଚନା ଦେଇଛନ୍ତି। ଏଥିସହ ଏହି ବିସ୍ଥାପିତ ପରିବାର କିପରି ଅନ୍ୟତ୍ର ସ୍ଥାନାନ୍ତରିତ ହେବେ ସେ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ସମସ୍ତ ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ତେବେ ଦୀର୍ଘ ଦିନର ବ୍ୟବଧାନ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି। ଜମି ଅଧିଗ୍ରହଣ ସମୟରେ ଚିତ୍ରକୋଣ୍ଡା ତହସିଲଦାରଙ୍କ ସମେତ ଏନ୍‌ଏସି ଅଧକ୍ଷ ପ୍ରଦୀପ କୁମାର ନାୟକ, ଆର୍‌ଆଇ ଅଜିତ ଖିଲ, କନିଷ୍ଠ ଯନ୍ତ୍ରୀ ରଶ୍ମି ରଞ୍ଜନ ମହାନ୍ତି, ଆକାଉଣ୍ଟାଣ୍ଟ ସଞ୍ଜୀୟ କୁମାର ସାହୁ, କାଉନସିଲର ଲକ୍ଷ୍ମୀ ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ଏ ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ଜମି ଅଧିଗ୍ରହଣ ନେଇ ଆଲୋଚନା କରୁଛନ୍ତି।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, (ନି.ପ୍ର.)- ଚୋରି ମାମଲାରେ ଜଣଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ଇରିଗେସନ କଲୋନୀର ପପୁ ସୁନା (୧୯)। ପୋଲିସ ସୂଚନାନୁଯାୟୀ, ଏପ୍ରିଲ ୧୩ରେ ଚାଉଳ ଚୋରି ନେଇ ଅଭିଯୋଗ ଅଭିଯୋଗ ହୋଇଥିଲା। ପୋଲିସ ଏପ୍ରିଲ ୧୩ ତାରିଖରେ ଯମୁନାଗୁଡାର କାଡିକ ଖରାଙ୍କୁ ଗିରଫ କରି ତାଙ୍କଠାରୁ ୯ ପ୍ୟାକେଟ ଚାଉଳ ଜବତ କରିଛି। ଏହି ମାମଲାରେ ୪ ଜଣ ସମ୍ପୃକ୍ତ ଥିଲେ। ପୋଲିସ ମଙ୍ଗଳବାର ପପୁ ସୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ୨ ଜଣ ଏବେ ସୁଦ୍ଧା ଫେରାର ଥିବା ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି।

# ନେଇଗଲା କେନ୍ଦୁପତ୍ର, ଟଙ୍କା ଦେଲାନି ଘରୋଇ ସଂସ୍ଥା

■ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗକଲେ ୫୦ ମହିଳା
■ ମହିଳାଙ୍କୁ ୫ଲକ୍ଷ ଦେବ ଘରୋଇ ସଂସ୍ଥା

ନବରଙ୍ଗପୁର,୨୪।୫(ବି.ପ୍ର.)

କେନ୍ଦୁପତ୍ର ତୋଳିବାରେ ମହିଳାଙ୍କୁ ନିୟୋଜିତ କଲା ଘରୋଇ ସଂସ୍ଥା। ସେମାନଙ୍କଠାରୁ କେନ୍ଦୁପତ୍ର ନେଇ ଟଙ୍କା ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। କିନ୍ତୁ କେନ୍ଦୁପତ୍ର ନେଇ ଯିବା ପରେ ଉକ୍ତ ସଂସ୍ଥା କିନ୍ତୁ ଟଙ୍କା ଦେଉନାହିଁ। ନବରଙ୍ଗପୁର ବ୍ଲକ ଚତାହାଣ୍ଡି ପଞ୍ଚାୟତ ସମିତି ଅଧୀନ ବକ୍ସାଗୁଡ଼ା ଗ୍ରାମର ୫୦ଜଣ ମହିଳା ମଙ୍ଗଳବାର ଜିଲା ଶ୍ରମ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଘରୋଇ ସଂସ୍ଥା ବିରୋଧରେ ଅଭିଯୋଗ କରିବା ସହ ସେମାନଙ୍କ ଟଙ୍କା ଯେପରି ମିଳିବ ସେ ଦିଗରେ ଦୃଷ୍ଟିଦେବାକୁ ଅନୁରୋଧ କରିଛନ୍ତି। ଉକ୍ତ ସଂସ୍ଥା ପ୍ରାୟ ୫ଲକ୍ଷ ଟଙ୍କା ଦେବାକୁ ଅଛି ବୋଲି ଅଭିଯୋଗକାରୀ ମହିଳାମାନେ କହିଛନ୍ତି।

ସୂଚନାନୁଯାୟୀ, ପାପଡ଼ାହାଣ୍ଡି ବ୍ଲକର ଏକ ଘରୋଇ ସଂସ୍ଥା ବକ୍ସାଗୁଡ଼ା ଗ୍ରାମର ମହିଳାଙ୍କୁ ୨୦୨୧ରେ କେନ୍ଦୁପତ୍ର ତୋଳିବା କାମରେ ଲଗାଇଥିଲା। ଉକ୍ତ ସଂସ୍ଥା ସେମାନଙ୍କଠାରୁ କେନ୍ଦୁପତ୍ର କିଣି ନେଇ କିନ୍ତୁ ଟଙ୍କା ନ ଦେଇ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଘରୋଇ ସଂସ୍ଥା ପକ୍ଷରୁ କେନ୍ଦୁପତ୍ର କ୍ରୟ କରିବାକୁ ଏହା ମଧ୍ୟରେ ଏକ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏବେ ଯାଏ ଟଙ୍କା ମିଳିନାହିଁ। ଟଙ୍କା ମାଗିଲେ ସଂସ୍ଥା କର୍ମଚାରୀ ନାନା ଭାଷାରେ ଗାଳିଗୁଲଜ କରିବା ସହ ଟଙ୍କା ଦେବାକୁ ମନା କରୁଛନ୍ତି ବୋଲି ରଦମା ଗୌଡ଼, ତୁଳସା ଗୌଡ଼, ସୁଭଦ୍ରା ଗୌଡ଼, କମଳା ମାଝି, ଦନାଇ ଗୌଡ଼, ସୁମିତା ଜାନି ଅଭିଯୋଗ କରିଛନ୍ତି। କରୋନା କାଳରେ ମହାମାରୀ, ଭାଲୁ, ଜଙ୍ଗଲୀ ଜୀବଜନ୍ତୁଙ୍କୁ ଭ୍ରୂକ୍ଷେପ ନ କରି ପରିବାରର ଆର୍ଥିକ ଅନଟନ ଦୂରକରିବା ସହ ଭରଣପୋଷଣ ପାଇଁ ଜଙ୍ଗଲରୁ କେନ୍ଦୁପତ୍ର ତୋଳିଥିଲୁ। କିନ୍ତୁ ଏ ଯାଏ ଆମ ଟଙ୍କା ପାଇଲୁ ନାହିଁ ବୋଲି ମହିଳାମାନେ କହିଛନ୍ତି। କଷ୍ଟ ଲବ୍ଧ ଟଙ୍କା ପାଇବା ପାଇଁ ଲଢ଼େଇ ଜୋର୍‌ଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତରେ ଗ୍ରାମୀଣ ଶ୍ରମ ନିରୀକ୍ଷିକ ବୁଲୁ ଶ୍ରୀହରିଆଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗ୍ରାମୀଣ ଶ୍ରମ ନିରୀକ୍ଷକ କହିଛନ୍ତି। ଯୁବ ସାମାଜିକ କର୍ମୀ ଦେବରାଜ ନାୟକ ମହିଳାମାନଙ୍କୁ ବକେୟା ଟଙ୍କା ଦେବା ପାଇଁ ଶ୍ରମ ଅଧିକାରୀଙ୍କୁ ଅନୁରୋଧ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।


ଅଭିଯୋଗ ଜଣାଇବାକୁ ଆସିଥିବା ବକ୍ସାଗୁଡ଼ାର ମହିଳାମାନେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ୫ ବର୍ଷର ଶିଶୁ ମୃତ

ଝରିଗାଁ, ୨୪।୫(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚିତାବେଡା ପଞ୍ଚାୟତ ଜାମ୍‌ଧୋଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗାଁର ଧନା ସାନ୍ତାଙ୍କ ଝିଅ ନୀଲେନ୍ଦ୍ରି (୫)।ସୂଚନାନୁଯାୟୀ, ନୀଲେନ୍ଦ୍ରି ମଙ୍ଗଳବାର ସକାଳେ ଘରେ ଖେଳୁଥିବାବେଳେ ତାଙ୍କ ଡାହାଣ ହାତକୁ କିଛି କାମୁଡ଼ିଥିବା ନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଘର ଭିତରେ ବହୁ ଖୋଜାଖୋଜି କରିଥିଲେ। ହେଲେ କିଛି ଦେଖାଯାଇ ନ ଥିଲା। ଏହାପରେ ସେମାନେ ନୀଲେନ୍ଦ୍ରିଙ୍କୁ ବାଇକ୍‌ରେ ବସାଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ହିଁ ନୀଲେନ୍ଦ୍ରିଙ୍କ ମୃତ୍ୟୁ ହୋଇଥିଲା। କୌଣସି ବିଷାକ୍ତ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଲେଲିନ୍ କୁମାର ଜେନା ପ୍ରକାଶ କରିଛନ୍ତି। ଏ ନେଇ ପରିବାର ଲୋକେ ଝରିଗାଁ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ



ନବରଙ୍ଗପୁର,୨୪।୫ (ବି.ପ୍ର.)- ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଛି। ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷା ମାଲେଶ୍ୱରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସାମାଜିକ କଲ୍ୟାଣ ଅଫିସର ସ୍ୱର୍ଣ୍ଣଲତା ବିଶ୍ୱାସ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଡିପିଓ ମନୋରମା ମାଝି ଉପସ୍ଥିତ ଥିଲେ। ଯୁବ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ଯୌନ ନିର୍ଯାତନା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କଲେଜର ଶିକ୍ଷା ବିଭାଗର ମୁଖ୍ୟ ଡ. ସଞ୍ଜୁକ୍ତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କମିଟିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ, ଡ. ସଂଯୁକ୍ତା ପଣ୍ଡା, ଅଧ୍ୟାପିକା ରଞ୍ଜୁସା ପ୍ରହରାଜ ଓ ଆଇନ ପରାମର୍ଶଦାତା ଭାବେ ଯୁବ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡ. ରୋହିଣୀ ରାଣୀଙ୍କ ସହ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଜଙ୍ଗଲ ଅଧିକାର ଆଇନ ପ୍ରଶିକ୍ଷଣ ଶିବିର

ନନ୍ଦାହାଣ୍ଡି,୨୪।୫,(ଡି.ଏନ୍.ଏ.)
ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅଧିବେଶନ କକ୍ଷରେ ମଙ୍ଗଳବାର ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଆନୁକୂଲ୍ୟରେ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସହଯୋଗରେ ଦିନିକିଆ ଜଙ୍ଗଲ ଅଧିକାର ଆଇନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ପଞ୍ଚାୟତ ସମିତି ମଙ୍ଗଳ ଅଧିକାରୀ ପ୍ରିୟଚନ୍ଦ ମଲ୍ଲିକ ଆୟୋଜନ କରିଥିବା ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଆଇଟିଡିଏ ସ୍ୱତନ୍ତ୍ର ଅଧିକାରୀ ରାଜୀବ ସାହୁ ଯୋଗ ଦେଇଥିଲେ। ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗୌଡ଼, ବିଡିଓ ଶିବଶଙ୍କର ମୁର୍ମୁ, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାୟକ, ଜୋନ ୨ ଜିଲା ପରିଷଦ ପ୍ରାର୍ଥୀ ଅରୁଣ ମିଶ୍ର ଓ ଜୋନ ୧ ର ଦିବ୍ୟଦାନ ସୁନା, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ ଏବଂ ବିଧାୟକ ପ୍ରତିନିଧି ଦୟାନିଧି ବିଶୋୟୀ ଯୋଗ ଦେଇଥିଲେ। ଏହି ସଭାରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ରେ ଥିବା ସମସ୍ତ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ୨୦୦୫ ଡିସେମ୍ବର ୧୩ ପୂର୍ବରୁ ଯେଉଁମାନେ ଜଙ୍ଗଲ ଉପରେ ଜୀବନଜୀବିକା ପାଇଁ ନିର୍ଭର କରୁଛନ୍ତି ସେମାନଙ୍କୁ ଜଙ୍ଗଲ ଜମିପଟ୍ଟା ଦେବା ନିୟମ ରହିଛି। କିନ୍ତୁ ନନ୍ଦାହାଣ୍ଡି ବ୍ଲକରେ ଜଙ୍ଗଲ ଜମିର ପରିମାଣ ବହୁତ କମ ଥିବାରୁ ମାତ୍ର ୨୯୬ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ବୋଲି ବ୍ଲକ ମଙ୍ଗଳ ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲା ସ୍ୱାସ୍ଥ୍ୟ ସମିତିକୁ ବ୍ୟାଙ୍କ ଦେଲା ଆମ୍ବୁଲାନ୍ସ



ନବରଙ୍ଗପୁର,୨୪।୫(ବି.ପ୍ର.)
ନବରଙ୍ଗପୁର ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଏକ ଆଧୁନିକ ଆମ୍ବୁଲାନ୍ସ ଜିଲା ସ୍ୱାସ୍ଥ୍ୟ ସମିତିକୁ ପ୍ରଦାନ କରାଯାଇଛି। ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ପତାକା ଦେଖାଇ ଏହାର ଶୁଭ ଉଦଘାଟନ କରିଥିଲେ। ଜିଲାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଅତ୍ୟାଧୁନିକ ଆମ୍ବୁଲାନ୍ସ ଜନସାଧାରଣ ସେବା ପାଇଁ ଯୋଗାଇ ଦେଇଥିବାରୁ ବ୍ୟାଙ୍କକୁ ଜିଲାପାଳ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସିଡିଏମ୍‌ଓ କାଳି ପ୍ରସାଦ ବେହେରା, ଡିଆର୍‌ଡିଏପିଡି ରତ୍ନାକର ସାହୁ, ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ପ୍ରବୀଣ କାନ୍ଧୁରୀ, ସରକାରୀ ଆଞ୍ଚଳିକ ମୁଖ୍ୟ ରମେଶ ସାହୁ, କୋଷାଗୁମୁଡ଼ା ଶାଖା ପରିଚାଳକ ଦେବାଶିଷ ପଣ୍ଡା, ନବରଙ୍ଗପୁର ଶାଖା ପରିଚାଳକ ଶ୍ରୀକାନ୍ତ ଦାସ, ଉମରକୋଟ ଶାଖା ପରିଚାଳକ ପ୍ରକାଶ ବାଘରାଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ଅଧିକାରୀ ହଳଧର ନିହାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶୀତଳ ଷଷ୍ଠୀ ପାଇଁ ବୈଠକ

ଉମରକୋଟ, ୨୪।୫(ସ୍ୱ.ପ୍ର.)
ଉମରକୋଟ ଗୁଲିପାଟଣାସ୍ଥିତ ବାବା ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣରେ ଶୀତଳ ଷଷ୍ଠୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆଡମ୍ବର ସହ ଶୀତଳ ଷଷ୍ଠୀ କରାଯିବା ନେଇ ମନ୍ଦିର କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ହର ଗୌରୀଙ୍କ ବିବାହ କାର୍ଯ୍ୟ ପାଇଁ ଜୟସିଂ ପାଣ୍ଡେ କନ୍ୟା ପିତା ଓ ୱାଇ.ଶ୍ରୀନିବାସ ରାଓ ବରପିତା ଦାୟିତ୍ୱ ତୁଲାଇବେ। ଏହା କମିଟି ସଦସ୍ୟଙ୍କ ସର୍ବ ସନ୍ନମତି କ୍ରମେ ସ୍ଥିର କରାଯାଇଛି। ପୂର୍ବ ପରମ୍ପରା ନୀତି ନିୟମ ଅନୁଯାଇ ଗୁଆ ଅନୁକୂଳ, ନିର୍ବନ୍ଧ, ବାଟବରଣ, ବରଯାତ୍ରୀଙ୍କ ସତ୍କାର କାର୍ଯ୍ୟକ୍ରମ ରହିଛିପି ପୁରୋହିତ ଲକ୍ଷ୍ମୀ ନାରାୟଣ ତ୍ରିପାଠୀ କାର୍ଯ୍ୟସୂଚୀ ବିଷୟରେ ଅବଗତ କରାଇଥିଲେ। ଭକ୍ତଙ୍କ ପ୍ରସାଦ ସେବନ ପାଇଁ ସମସ୍ତ ପ୍ରକାର ଆୟୋଜନ କମିଟି ପକ୍ଷରୁ କରାଯିବ ବୋଲି ଗୁଲିପାଟଣା ବୈଦ୍ୟନାଥ ମନ୍ଦିର କମିଟି ସଭାପତି ଜୟଦେବ ପରିଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କମିଟି କୋଷାଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ସମ୍ପାଦକ ଦଣ୍ଡପାଣି ଖାଡାଙ୍ଗା, ପୂର୍ବତନ ନଗରପାଳ ଖାଡେଶ୍ୱର ମହାନ୍ତି, କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ବାଲାଜି ବେହେରା, ବିଷ୍ଣୁ ପଟ୍ଟନାୟକ, ମାର୍କଣ୍ଡ ସାହୁ, ଗଣେଶ ପ୍ରସାଦ ରଣା, କୁନା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୨ବର୍ଷର ଦିବ୍ୟାଂଶ

ଡାବୁଗାଁ, ୨୪।୫ (ଡି.ଏନ୍.ଏ.)
ବୟସ ତାଙ୍କର ମାତ୍ର ୨ ବର୍ଷ। କଥା ମଧ୍ୟ ଭଲରେ କହିପାରୁନାହାନ୍ତି। କିନ୍ତୁ ସ୍ମୃତିଶକ୍ତି ଖୁବ୍ ପ୍ରଖର। ଠିକ୍‌ଭାବେ କହିପାରୁଛନ୍ତି ସପ୍ତାହର ସାତବାରର ନାମ, ୪୦ ପଶୁପକ୍ଷୀଙ୍କ ନାଁ, ଓଡ଼ିଆ ଓ ଇଂଲିଶ ରାଇମ୍‌ସ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ଜୟନ୍ତୀନଗରର ଶୁଭସ୍ମିତା ପାଢ଼ୀ ଓ ହେମନ୍ତ କୁମାର ପଣ୍ଡାଙ୍କ ୨ ବର୍ଷର ପୁଅ ଦିବ୍ୟାଂଶ ପଣ୍ଡା।

ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସଂସ୍ଥା ଦ୍ୱାରା ପରିଚାଳିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପାଇଁ ଆବେଦନ କରିଥିଲେ ଶୁଭସ୍ମିତା ଓ ହେମନ୍ତ। ସେଥିନିମନ୍ତେ ଆବଶ୍ୟକ ତଥ୍ୟ ପ୍ରଦାନ ପରେ କାର୍ଯ୍ୟକାରୀ ସଂସ୍ଥା ଶିଶୁଟିର କାର୍ଯ୍ୟକଳାପର ଭିଡିଓ ମାଗିଥିଲେ। ୨୦ଟି ଭିଡିଓ ସେମାନଙ୍କ ନିକଟକୁ ପଠାଯାଇଥିଲା, ଯେଉଁଥିରେ ଦିବ୍ୟାଂଶ ୪୦ଟି ପଶୁପକ୍ଷୀର ନାମ, ୧୦ଟି କୀଟପତଙ୍ଗ, ୧୨ଟି ପନିପରିବା, ୧୨ଟି ବସ୍ତୁର ରଙ୍ଗ, ୨୦ ଯାନବାହନ, ୧୫ଟି ଫଳ, ସପ୍ତାହର ୭ ବାରର ନାମ, ଜାତୀୟ ସଂକେତ, ଇଂଲିଶ୍, ହିନ୍ଦୀ ଓ ଓଡ଼ିଆ ରାଇମ୍‌ସ, ଇଂଲିଶ୍ ଓ ହିନ୍ଦୀ ଅକ୍ଷରକୁ ନେଇ ଶବ୍ଦ ଗଠନ, ସଂଖ୍ୟା ଗଣନ, ଜ୍ୟାମିତିକ ଆକୃତିର ନାମ, କେତେକ ଘରୋଇ ଉପକରଣକୁ ଅତି ସହଜରେ ଚିହ୍ନଟ କରିପାରିଥିଲେ। ଉକ୍ତ ସଂସ୍ଥା ଏଥିରୁ ୮ଟି ବିଷୟବସ୍ତୁ ଚୟନ କରିଥିଲା ଓ ଏଥିନିମନ୍ତେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ କରି ପୁରସ୍କାର ପ୍ରଦାନ କରିଥିଲା। ଦିବ୍ୟାଂଶ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡର ସୁପର ଟ୍ୟାଲେଣ୍ଟେଡ୍ କିଡ୍ସ ଆୱାର୍ଡ ପାଇଁ ମଧ୍ୟ ମନୋନୀତ ହୋଇଛନ୍ତି।



ମା' ବାପାଙ୍କ ସହ ଦିବ୍ୟାଂଶ

# ୧୧ ପଦକ ହାତେଇଲେ ସେମିଳିଗୁଡ଼ା ଖେଳାଳି


କୃତୀ ପ୍ରତିଯୋଗୀମାନେ।

ସୁନାବେଡ଼ା/ସେମିଳିଗୁଡ଼ା, ୨୪।୫(ସ୍ୱ.ପ୍ର.)
ଭୁବନେଶ୍ୱରରେ ଆୟୋଜିତ ପୂର୍ବ ଭାରତୀୟ ଜୋନାଲ କରାଟେ ଚାମ୍ପିୟନଶିପ୍‌ରେ ସେମିଳିଗୁଡ଼ାରୁ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖେଳାଳିମାନେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୨ଟି କାଂସ୍ୟ ପଦକ ହାସଲ କରି ସେମିଳିଗୁଡା ପାଇଁ ଗୌରବ ଅର୍ଜନ କରିଛନ୍ତି। ରୋହନ ଦୁରିଆ, ଡାନିଏଲ ଜାନୀ ଏବଂ ଦୀପ୍ତି ନାମଦେବ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆରିୟନ ପଟ୍ଟନାୟକ, ଶୁଭମ୍ ନାୟକ, ଚନ୍ଦନ ପାଙ୍ଗି, ନନ୍ଦିନୀ ନାୟର, ଶ୍ରେୟାଂଶୁ ପଣ୍ଡା, ଡାନିଏଲ ଜାନୀ ରୌପ୍ୟ, ହର୍ଷଦ କୁମାର ଓ ତପସ୍ୱିନୀ କାଂସ୍ୟ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀ ଜାତୀୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ସାମିଲ ହେବେ ବୋଲି କୋଚ୍ ରାଜେନ୍ଦ୍ର ସାମଲ କହିଛନ୍ତି। କୋରାପୁଟ ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ରଥ ଓ ଅଭିଭାବକମାନେ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟ୍ରାକ୍ଟର ଓଲଟି ମହିଳା ଶ୍ରମିକ ମୃତ

ଚନ୍ଦାହାଣ୍ଡି, ୨୪।୫(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଜେଟଗଛିଆପଡାରେ ଟ୍ରାକ୍ଟର ଓଲଟିଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଡାଲିମ୍ବ ରାଉତ(୩୧) । ସୂଚନାନୁଯାୟୀ ମୋହରା ସରପଞ୍ଚ ଜଳନ୍ଧର ମାଝିଙ୍କ ଟ୍ରାକ୍ଟର ଜୁନାପାଣି ନଦୀରୁ ବାଲି ବୋଝେଇ କରି ଆସୁଥିବା ବେଳେ ଜେଦଗଛିଆପଡା ପାଖରେ ଭାରସାମ୍ୟ ହରାଇ ଜମି ଭିତରେ ଓଲଟି ପଡିଥିଲା। ଫଳରେ ଟ୍ରଲି ରେ ବସିଥିବା ୪ଜଣ ବର୍ତ୍ତି ଯାଇଥିବା ବେଳେ ଡାଲିମ୍ବ ବାଲିରେ ପୋତି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଜେସିବି ଦ୍ୱାରା ଟ୍ରାକ୍ଟର ଉଠାଇ ଡାଲିମ୍ବଙ୍କୁ ଉଦ୍ଧାର କରି ଚନ୍ଦାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡା ସନ୍ଦୀପ ଶତପଥୀ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଥାନା ଏଏସ୍‌ଆଇ ବିଜୁରାମ ବାଘ ମୃତଦେହ ଜବତ କରି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଭାଙ୍ଗିଲା ୧୦ ଘର, ୩୦ ଗଛ

■ କୋରାପୁଟରେ କାଳବୈଶାଖୀ ତାଣ୍ଡବ
■ ଅନ୍ଧାରରେ କୋରାପୁଟ ସହର

କୋରାପୁଟ,୨୪।୫(ସ୍ୱ.ପ୍ର.)
କୋରାପୁଟ ସହର ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୪ଟା ୩୦ ସମୟରେ କାଳବୈଶାଖୀ ଜନିତ ପ୍ରବଳ ବର୍ଷା, ପବନ ଯୋଗୁଁ ସହର ସମେତ ଆଖପାଖ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ଘର ଓ ୩୦ରୁ ଉର୍ଦ୍ଧ୍ୱ ଗଛ ଭାଙ୍ଗିଯାଇଛି। ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବାରୁ ଏଥିଯୋଗୁ କୋରାପୁଟ ସହର ସମେତ ଆଖପାଖ ଅଞ୍ଚଳ ଅନ୍ଧାରରେ ରହିଛି। କୋରାପୁଟ ସହରର କୋଲାବ କୋଲନୀରେ ଏକ ବିରାଟ ଗଛ ଉପୁଡିଯାଇ ଏକ ଘର ଉପରେ ପଡିଯିବାରୁ ଏକ ଘରଟି ଭାଙ୍ଗିଯାଇଛି। ଏଥିରେ କୌଣସି ଧନ ଜୀବନ ହାନି ଘଟି ନ ଥିବା ଜଣାପଡିଛି । ସେହିପରି କୋରାପୁଟ ସହର ଭବାନୀ ନଗର, ଲାଣ୍ଡିଗୁଡା ଅଞ୍ଚ, ଓଏମ୍‌ପି, ବାଟମଙ୍ଗଳା ମନ୍ଦିର ଅଞ୍ଚଳସମେତ ସହରର ବିଭିନ୍ନ ସ୍ଥାନରେ ବହୁ ଗଛ ଭାଙ୍ଗିଯାଇଥିବା ଜଣାପଡିଛି। ଏଥିଯୋଗୁଁ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବା ଜଣାପଡିଛି । କୋରାପୁଟ ଅଗ୍ନିଶମ ବିଭାଗ ଓ ଓଏମ୍‌ପିସ୍ଥିତଓଡ୍ରାଫ ଟିମ ଯାଇ ଗଛ କାଟି ସଫାକରୁଛନ୍ତି। ୨୬ ନମ୍ବର ଜାତୀୟ ରାଜପଥରେ କିଛି ଭାଙ୍ଗିଯାଇଥିବା ଯୋଗୁ କିଛି ସମୟ ପାଇଁ ଯାତାୟତ ପ୍ରଭାବିତ ହୋଇଥିଲା। ଏହି କାଳ ବୈଶାଖି ଯୋଗୁ ସହରର ବିଭିନ୍ନ ଅଞ୍ଚଳରେ କ'ଣ କ୍ଷତି ଘଟିଛି ତାହା ବୁଧବାର ସକାଳେ ତାହା ସ୍ପଷ୍ଟ ହେବ ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି ।


କୋରାପୁଟ କୋଲାବ କଲୋନୀରେ ଏକ ବିରାଟ ନୀଳଗିରି ଗଛ ଭାଙ୍ଗିପଡିଛି।

# ଶିବିରରୁ ପାଉଥିବା ଜ୍ଞାନ କୌଶଳକୁ ବାସ୍ତବରେ ପ୍ରୟୋଗ କରିବାକୁ ପରାମର୍ଶ

## ରକ୍ଷକ ପ୍ରଶିକ୍ଷଣ ଶିବିର

ଜୟପୁର ୨୪।୫(ନି.ପ୍ର.)
ରାଜ୍ୟ ପରିବହନ ପ୍ରାଧିକରଣ ଓ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ମିଳିତ ଆନୁକୂଲ୍ୟରେ କୋରାପୁଟ ଜିଲାର ଦେଓଘାଟି ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ରକ୍ଷକ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ କରାଯାଇଛି। କୋରାପୁଟ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ ବେଟି, ମୋଟରଯାନ ନିରୀକ୍ଷକ ଚନ୍ଦ୍ରା ବିଶ୍ୱାସ ଯୋଗଦେଇ ରକ୍ଷକ ପ୍ରଶିକ୍ଷଣର ଆଭିମୁଖ୍ୟ, ଆହତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ, ମୋଟରଯାନ ଆଇନର ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ତଥା ପ୍ରଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ପ୍ରଶିକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ପ୍ରଶିକ୍ଷଣ ଶିବିରରୁ ଶିକ୍ଷା କରିଥିବା ଜ୍ଞାନକୌଶଳକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରି ଆହତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ପାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ମହାରଣା, ତପନ ପରିଡ଼ା ଏବଂ ପ୍ରିୟଦର୍ଶିନୀ ପରିଡା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ସମୀର ରଞ୍ଜନ ରାୟ, ସଞ୍ଜୟ ପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ୩୯ ଜଣ ପ୍ରଶିକ୍ଷାର୍ଥୀ ତାଲିମ ଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି, ତାଲିମଦାତା ଓ ପ୍ରଶିକ୍ଷାର୍ଥୀ।

## ଫେରାର ୩ ଅଭିଯୁକ୍ତ ଗିରଫ

ଜୟପୁର, ୨୪।୫ (ନି.ପ୍ର.)
ଜୟପୁର ଟାଉନ ଓ ସଦର ପୋଲିସ ମଙ୍ଗଳବାର ଅପରାଧିକ ମାମଲାରେ ଜଡିତ ଥିବା ଫେରାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜୟପୁର ଟାଉନ ପୋଲିସ ପାଞ୍ଜିଆ ଲାଇନ ସୌରା ସାହିର ରବି କୁମାର ସୌରା (୩୮)ଙ୍କୁ ଗିରଫ କରିଛି। ରବିଙ୍କ ନାମରେ ୨୦୧୮ରେ ଏକ ଅପରାଧିକ ମାମଲା ଥିଲା। ସେବେଠାରୁ ସେ ଫେରାର ଥିଲେ। ସେହିପରି ଜୟପୁର ସଦର ପୋଲିସ ଫେରାର ଥିବା ସିଆଡିମାଳର ରାଜେନ୍ଦ୍ର ସିଂଗ୍ରୀବିଙ୍କୁ ଗିରଫ କରିଛି । ୨୦୧୮ ଏକ ଅପରାଧିକ ମାମଲା ରାଜେନ୍ଦ୍ରଙ୍କ ନାମରେ ଥିଲା। ରାଜେନ୍ଦ୍ର ଫେରାର ଥିବା ବେଳେ ମଙ୍ଗଳବାର ସିଆଡିମାଳରୁ ଜୟପୁର ସଦର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଜୟପୁର ସଦର ଥାନା ଅଧୀନ ଗଡପଦର ଗ୍ରାମର ମାଧବ ହରିଜନଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନାମରେ ୨୦୧୧ରେ ଜୟପୁର ସଦର ଥାନାରେ ଏକ ଅପରାଧିକ ମାମଲା ଥିଲା। ସେବେଠାରୁ ଫେରାର ମାଧବଙ୍କୁ ଗଡପଦରରୁ ଗିରଫ କରାଯାଇଛି। ମାଧବ ନାମରେ ଓାରେଣ୍ଟ ଥିବାନେଇ ସଦର ଥାନାଧିକାରି ଇଶ୍ୱର ତାଣ୍ଡି କହିଛନ୍ତି ।

# ୨୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ ସିଆର୍‌ସିସି

କୋରାପୁଟ/ନାରାୟଣପାଟଣା, ୨୪।୫(ସ୍ୱ.ପ୍ର./ଡି.ଏନ୍.ଏ.)
କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ ସିଆର୍‌ସିସି ଏସ୍. କିଷାନ କୁମାର ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଜୟପୁର ଭିଜିଲାନ୍ସ ଟିମ୍ ଦ୍ୱାରା ଧରାପଡ଼ିଛନ୍ତି। ଏହାପରେ ସିଆର୍‌ସିସିଙ୍କ ଆବାସିକ ଘର, ନାରାୟଣପାଟଣାସ୍ଥିତ କାର୍ଯ୍ୟାଳୟରେ ତଦନ୍ତ କରାଯାଇଛି। ସିଆର୍‌ସିସିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

ସର୍ଭିସ୍ ବୁକ୍ ଅପ୍‌ଡେଟ୍ ଏବଂ ପଦୋନ୍ନତି କରାଇବାକୁ କହି ଶିକ୍ଷକ ପ୍ରକାଶ କୁମ୍ଭାରଙ୍କଠାରୁ ସିଆର୍‌ସିସି କିଷାନ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶିକ୍ଷକ ଜଣଙ୍କ ଏ ନେଇ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ମୁତାବକ ମଙ୍ଗଳବାର ଶିକ୍ଷକ ପ୍ରକାଶ ସିଆର୍‌ସିସିଙ୍କୁ ଲାଞ୍ଚ ଦେବାବେଳେ ଭିଜିଲାନ୍ସ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଛି। ଜୟପୁର ଭିଜିଲାନ୍ସ ଡିଏସ୍‌ପି ଏ.ପି. ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ।


ସିଆର୍‌ସିସି ଏସ୍. କିଷାନ କୁମାର।

# ମରାମତି ନାଁରେ ହେଉଛି ୧୦ଘଣ୍ଟା ବିଦ୍ୟୁତ୍ କାଟ

## ଅଘୋଷିତ ବିଦ୍ୟୁତ୍ କାଟ ପାଇଁ କ୍ଷତିପୂରଣ ଦାବିକଲେ ବୁଦ୍ଧିଜୀବୀ

ସୁନାବେଡ଼ା,ସେମିଳିଗୁଡ଼ା,୨୪।୫(ସ୍ୱ.ପ୍ର.)
ବିଦ୍ୟୁତ୍ ସେବାରେ ସୁଧାର ଆଣିବା ସହ ଲୋକଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇଦେବାକୁ ସରକାର ଘରୋଇ କମ୍ପାନୀ ଟାଟା ପାୱାରକୁ ବିଦ୍ୟୁତ୍ ବିଭାଗକୁ ଟେକିଦେଲେ। ଏବେ କିନ୍ତୁ ଗ୍ରାହକ ସୁବିଧା ବଦଳରେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମରାମତି ନାଁରେ ବିଭାଗ ପକ୍ଷରୁ ଦିନରେ ୧୦ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ କାଟ ହେଉଛି। ଏହାକୁ ନେଇ ଉପଭୋକ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁନାବେଡ଼ା ଓ ସେମିଳିଗୁଡ଼ା ଉଭୟ ସହରରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଡହଳବିକଳ ହେଉଛନ୍ତି ସ୍ଥାନୀୟ ଲୋକେ।

ଏବେ ଖରାର ପ୍ରକୋପ ଢେର ରହୁଛି। ପ୍ରଚଣ୍ଡ ଗରମ ସାଙ୍ଗକୁ ଅଘୋଷିତ ବିଜୁଳି କାଟ ଯୋଗୁ ଲୋକେ ବେହାଲ ହୋଇ ପଡୁଛନ୍ତି। ଏପରି କି ପରୀକ୍ଷା ସମୟରେ ପିଲାମାନଙ୍କ ପାଠ ପଢ଼ିବାରେ ନାନା ସମସ୍ୟା ଉପୁଜୁଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗକଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହା ସାଙ୍ଗକୁ ବିଜୁଳି ଦର ବଢ଼ାଇ ଚାଲିଛି ବିଭାଗ। ବେଳେବେଳେ ବିଭାଗର ଖାମଖିଆଲ ନୀତି ଯୋଗୁ ହାଇ ଭୋଲ୍‌ଟେଜ ହୋଇ ବିଭିନ୍ନ ଘରୋଇ ବୈଦ୍ୟୁତିକ ଉପକରଣ ପୋଡ଼ିଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହା ବିଭାଗର ମନମୁଖି କାର୍ଯ୍ୟକଳାପକୁ ପଦାରେ ପକାଉଛି। ଗ୍ରାହକଙ୍କ ବକେୟା ଦେୟ ଲାଗି ଯଦି ବିଭାଗ ପକ୍ଷରୁ ସଂଯୋଗ ବିଚ୍ଛିନ୍ନ କରାଯାଉଛି, ତେବେ ଅଘୋଷିତ ବିଦ୍ୟୁତ୍‌କାଟ ଲାଗି କ୍ଷତିପୂରଣ କାହିଁକି ଦିଆ ନ ଯିବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସୁନାବେଡ଼ା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିଶ୍ୱକେଶନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ବାର୍ଷିକ ମରାମତି ଓ ସୁରକ୍ଷା ବ୍ୟବସ୍ଥା କାମ ଚାଲୁଥିବାରୁ ସମସ୍ୟା ଉପୁଜିଛି। ଶୀଘ୍ର ଏହାର ସମାଧାନ ହୋଇଯିବ। ଏପରିସ୍ଥଳେ ଆଗାମୀ ଦିନରେ ଯଦି ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଆ ନ ଯାଏ ତେବେ ଜନ ଆନ୍ଦୋଳନର ଦାନା ଯେ ନ ବାନ୍ଧିବ ତାହା କହିବା ମୁସ୍କିଲ୍।

